# <u>ସତ୍ସଙ୍ଗ ସେକ୍ରେଟାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶାବଳୀ, 16.06.2020</u>

**(ODIA)**

ସଂପ୍ରତି କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ଲକ୍‌ଡାଉନ୍ ନିୟମ କୋହଳ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ସବୁସ୍ଥାନରେ ସମାନ ଭାବେ ତାହା କୋହଳ କରାଯାଇନାହିଁ।

କୋଭିଡ୍-୧୯ ସଂକ୍ରମଣର ପ୍ରଭାବ ଅନୁଯାୟୀ ବିଭିନ୍ନ ଅଞ୍ଚଳକୁ ଭିନ୍ନ ଭିନ୍ନ ଜୋନରେ ବିଭକ୍ତ କରାଯାଇଛି। କୋହଳ ମଧ ତଦନୁସାରେ କରାଯାଇଛି। ଏଥିସହ ଆଞ୍ଚଳିକ ପରିସ୍ଥିତିକୁ ଦେଖି ସ୍ଥାନୀୟ ପ୍ରଶାସନ ମଧ କୋଭିଡ୍-୧୯ର ମୁକାବିଲା ଲାଗି ଆବଶ୍ୟକତା ଅନୁସାରେ ନିୟମକୁ କଠୋର ଓ କୋହଳ କରୁଛନ୍ତି। ଆମକୁ ତଦନୁଯାୟୀ ଏହି ନିୟମକୁ ମାନି ଚଳିବାକୁ ପଡ଼ିବ।

**ସମସ୍ତ ସତ୍ସଙ୍ଗ କେନ୍ଦ୍ର, ମନ୍ଦିର, ବିହାର, ଉପଯୋଜନା କେନ୍ଦ୍ର ତଥା ଭକ୍ତ-ଅନୁଗାମୀମାନେ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀକୁ ଠିକ୍‌ଭାବେ ମାନି ଚଳିବା ଲାଗି ସମସ୍ତଙ୍କୁ ଅନୁରୋଧ କରାଯାଉଛି।**

ବିଭିନ୍ନ ବିଷୟ ସଂକ୍ରାନ୍ତ ବହୁ ଅସମାହିତ ଜିଜ୍ଞାସାକୁ ଦୃଷ୍ଟିରେ ରଖି 'ସତ୍ସଙ୍ଗ' ପକ୍ଷରୁ ଏହି ସମାଧାନମୂଳକ ନିର୍ଦ୍ଦେଶିକା ପ୍ରକାଶ କରାଯାଉଛି ।

**<u>★★ ଏହି ନିର୍ଦ୍ଦେଶିକା ବିଶେଷ କରି ବର୍ତ୍ତମାନ ପରିସ୍ଥିତି ପାଇଁ ପ୍ରଦତ୍ତ, ସ୍ୱାଭାବିକ ପରିସ୍ଥିତିରେ ଯାହାର ଅଧିକାଂଶହିଁ ପାଳନୀୟ ନ ବି ରହିପାରେ ।</u>**

## <u>ଇଷ୍ଟଭୃତି ଜମା ସଂକ୍ରାନ୍ତ ସୂଚନା</u>

**ପ୍ରଶ୍ନ:—**

★★ବର୍ତ୍ତମାନ ପରିସ୍ଥିତିରେ ଇଷ୍ଟଭୃତି ଜମା ଦେବା ବିଷୟରେ କି ନିର୍ଦ୍ଦେଶ ରହିଛି? ଲକ୍‌ଡାଉନ୍ ଯୋଗୁଁ ଜମା ନ ହୋଇ ଗଚ୍ଛିତ ଥିବା ବ୍ୟକ୍ତିଗତ ବା ପାରିବାରିକ ଇଷ୍ଟଭୃତି ଅର୍ଘ୍ୟ କେଉଁଠି, କିଭଳି ଭାବେ ଜମା ଦିଆଯିବ?

**ଉତ୍ତର: —**

**★ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଫିଲାନ୍‌ଥ୍ରପି କାଉଣ୍ଟରରେ ଇଷ୍ଟଭୃତି ଅର୍ଘ୍ୟ ଜମା ଦେବା ବ୍ୟବସ୍ଥାକୁ ସ୍ଥଗିତ ହିଁ ରଖାଯାଇଛି।**

**★ ପ୍ରତ୍ୟେକେ ଏଣିକି ନିଜ ନିଜ ଅଞ୍ଚଳରେ ସମ୍ଭାବ୍ୟତା ଅନୁଯାୟୀ ସ୍ଥାନୀୟ ଉପଯୋଜନା କେନ୍ଦ୍ରରେ ଇଷ୍ଟଭୃତି ଅର୍ଘ୍ୟ ଜମା ଦେଇପାରିବେ ବୋଲି ସୂଚିତ କରାଯାଉଛି।**

ଯେଉଁ ସବୁ ଅଞ୍ଚଳରେ ଲକ୍‌ଡାଉନ୍ ଉଠାଇଦିଆଯାଇଛି ବା କୋହଳ କରାଯାଇଛି, ସେଠାରେ ସ୍ଥାନୀୟ ପ୍ରଶାସନଠାରୁ ସ୍ପଷ୍ଟଭାବେ ଅବଗତ ହେବା ପରେ ଉପଯୋଜନା କେନ୍ଦ୍ର ମାଧ୍ୟମରେ ଇଷ୍ଟଭୃତି ଜମା ଦେବା ବ୍ୟବସ୍ଥା ପୁଣି ଚାଲୁ କରିବା ଲାଗି ନିଷ୍ପତ୍ତି ନିଆଯାଇପାରିବ। ଯେଉଁ ଅଞ୍ଚଳରେ ଜନସାଧାରଣଙ୍କର ଯାତାୟାତ ଉପରେ କୌଣସି ପ୍ରତିବନ୍ଧକ ନ ଥିବ ଓ ଉପଯୋଜନା କେନ୍ଦ୍ର ଚାଲୁ ହେବା ସମ୍ଭବ ଥିବ, ସେଠାକାର ଗୁରୁଭ୍ରାତାମାନେ ନିଜ


©SATSANG

ନିଜ ଉପଯୋଜନା କେନ୍ଦ୍ର ସହିତ ଫୋନରେ ଯୋଗାଯୋଗ କରି କେବେ ଓ କେତେବେଳେ ଇଷ୍ଟଭୃତି ଜମା ଦେଇ ହେବ ତାହା ବୁଝି ସେଠାକୁ ଯାଇ ଅର୍ଘ୍ୟ ଜମା ଦେଇପାରିବେ।

ଉପଯୋଜନା କେନ୍ଦ୍ରର ପରିଚାଳକମାନେ ସମୟ ବାହାର କରି ନିଜ ଅଞ୍ଚଳର ଦୀକ୍ଷିତମାନଙ୍କୁ ଏ ସଂପର୍କରେ ଅବଗତ କରାଇବାକୁ ପ୍ରୟାସ କରିବେ ଏବଂ ଯେତେଦୂର ସମ୍ଭବ ଏକ ସମୟରେ ନ ଆସି ଭିନ୍ନ ଭିନ୍ନ ସମୟରେ ଆସିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦେବେ।

**★ ତେବେ ବହୁସଂଖ୍ୟାରେ ଗୁରୁଭ୍ରାତା ଯେଭଳି ଏକ ସମୟରେ ଏକତ୍ର ଭିଡ଼ ନ ଜମାନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ।**

**★ ବର୍ତ୍ତମାନ ପରିସ୍ଥିତିରେ ପ୍ରୟୋଜନ ହେଲେ ଉପଯୋଜନା କେନ୍ଦ୍ରଗୁଡ଼ିକରେ ଏକାଧିକ ଦିନ ଅର୍ଘ୍ୟ ଜମାନିଆଯାଇପାରେ ।**

**★ କିନ୍ତୁ ଯେଉଁଦିନ ଯେତିକି ଅର୍ଘ୍ୟ ସଂଗ୍ରହ ହେବ ତାହା ଯେପରି ସେହିଦିନ ହିଁ ସତ୍‌ସଙ୍ଗର ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ଜମା ଦିଆଯାଏ ।**

**ପ୍ରଶ୍ନ:—**

**★★ ଦୀର୍ଘଦିନଧରିଘରେଜମାହୋଇଥିବାଇଷ୍ଟଭୃତିଅର୍ଘ୍ୟଏକତ୍ରଜମାଦିଆଯାଇପାରିବକି? ଯଦି ଜମା ଦିଆଯାଏ ତେବେ ତାହା ୨/୩ଟି ପୃଥକ୍ ଫର୍ମରେ ଜମା ଦିଆଯିବ ନା ଗୋଟିଏ ଫର୍ମରେ ଜମା ଦିଆଯାଇପାରିବ ?**

**ଉତ୍ତର: —**

**★ ଏକାଧିକ ମାସର ଇଷ୍ଟଭୃତି ଅର୍ଘ୍ୟ ଗୋଟିଏ ଫର୍ମରେହିଁ ଜମାଦିଆ ଯିବ ଏବଂ କେତେମାସର ଅର୍ଘ୍ୟ ଦେଉଛନ୍ତି ତାହା ଉଲ୍ଲେଖ କରି ଦେଲେହେବ।**

**★ ଉଦାହରଣ ସ୍ୱରୂପ - ଯଦି ଆପଣଙ୍କର ମାସିକ ଇଷ୍ଟଭୃତି ଅର୍ଘ୍ୟ ୫୦ ଟଙ୍କା ତେବେ ୩ ମାସର ଅର୍ଘ୍ୟ ୧୫୦ ଟଙ୍କା ହେବ। ଜମା ଦେବା ସମୟରେ ଆପଣ ୧୫୦ ଟଙ୍କା ପଠାଇବେ ଓ ଫର୍ମରେ ୫୦ x ୩= ୧୫୦ ଉଲ୍ଲେଖ କରିବେ। ଏଥିରୁ ଆପଣାଛାଏଁ ବୁଝାପଡ଼ିବ କି ୩ ମାସର ଅର୍ଘ୍ୟ ପଠାଇଛନ୍ତି।**

**ପ୍ରଶ୍ନ:—**

**★★ ସତ୍‌ସଙ୍ଗ ପକ୍ଷରୁ ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ( Power Jyoti)ବ୍ୟକ୍ତିଗତ ଅର୍ଘ୍ୟ ଜମାଦେବା ବାଧ୍ୟତାମୂଳକ କି? ବ୍ୟାଙ୍କ ମାଧ୍ୟମରେ ଇଷ୍ଟଭୃତି ପ୍ରେରଣର ବ୍ୟବସ୍ଥା ଥିଲେ ବି ସମସ୍ତଙ୍କ ପକ୍ଷରେ ବିଭିନ୍ନ କାରଣ ହେତୁ ତାହା ସମ୍ଭବ ହେଉନାହିଁ। ଏ କ୍ଷେତ୍ରରେ କ'ଣ କରଣୀୟ?**

**ଉତ୍ତର: —**

ସତ୍‌ସଙ୍ଗ ବ୍ୟାଙ୍କ ଆକାଉଣ୍ଟରେ ତୁଳନାତ୍ମକ ଭାବେ ସ୍ୱଳ୍ପ ପରିମାଣର ବ୍ୟକ୍ତିଗତ ଅର୍ଘ୍ୟ ଜମା ଦେବା, ବିଶେଷତଃ


©SATSANG

ବର୍ତ୍ତମାନ ପରିସ୍ଥିତିରେ ପ୍ରାୟତଃ ଅସମ୍ଭବ ବ୍ୟାପାର। କିନ୍ତୁ ତାହା ବ୍ୟକ୍ତିଗତ ଜମା ଦେବା କ୍ଷେତ୍ରରେ ଆଦୌ ବାଧତାମୂଳକ ନୁହେଁ।
ସିଆଲ୍ ମିଡିଆରେ ଦିଆଯାଇଥିବା ବିଜ୍ଞପ୍ତିରେ ଏହା ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଥିଲା। ଉପଯୋଜନା କେନ୍ଦ୍ର ଇତ୍ୟାଦି,ଯେଉଁଠାରେ ଅନେକଙ୍କର ସମ୍ମିଳିତ ବୃହତ ପରିମାଣର ଅର୍ଘ୍ୟ ଜମା ହୁଏ,ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ସେମାନେ ହିଁ ଜମା କରିବେ।

**ପ୍ରଶ୍ନ:—**

**★★ଉପଯୋଜନା କେନ୍ଦ୍ରଗୁଡ଼ିକ ଏବେ ଇଷ୍ଟଭୃତି ସଂଗ୍ରହ କରିପାରିବେ?**

**'ଅର୍ଘ୍ୟ ପ୍ରଦାତା' ବ୍ୟକ୍ତି ଏବଂ 'ଗ୍ରହୀତା' ( କେନ୍ଦ୍ର-ମନ୍ଦିର ଓ ଉପଯୋଜନା କେନ୍ଦ୍ର କର୍ତ୍ତୃପକ୍ଷ) ଉଭୟ କ୍ଷେତ୍ରରେ ଉପଯୋଜନା କେନ୍ଦ୍ର ବା କେନ୍ଦ୍ର-ମନ୍ଦିରରେ ଅର୍ଘ୍ୟ ଜମା ଦେବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ କ'ଣ?**

**ସମସ୍ତେ ଗୋଟିଏ ଦିନରେ ଇଷ୍ଟଭୃତି ଜମା ଦେବେ ନା ଭିନ୍ନ ଭିନ୍ନ ଦିନରେ ଜମା ଦେବେ?**

**ସେ କ୍ଷେତ୍ରରେ ସମାଜିକ ଦୂରତା ଅବଲମ୍ବନ ନେଇ କି ନିର୍ଦ୍ଦେଶ ରହିଛି?**

**ବ୍ୟାଙ୍କ ମାଧମରେ ଇଷ୍ଟଭୃତି ଅର୍ଘ୍ୟ ଜମା ଦେବା ସଂକ୍ରାନ୍ତରେ କୌଣସି ବିଶେଷ ନିର୍ଦ୍ଦେଶର ପ୍ରୟୋଜନ ଅଛି।**

**ଉତ୍ତର: —**

**★★★ ବିଶେଷ ଭାବେ ସମସ୍ତେ ଏ କଥା ମନେ ରଖିବା ଉଚିତ କି ସତ୍ସଙ୍ଗର କୌଣସି ବ୍ୟାଙ୍କ ଆକାଉଣ୍ଟକୁ ଅନଲାଇନରେ ଅର୍ଘ୍ୟ ପଠାଇବେ ନାହିଁ। କାରଣ ଅର୍ଘ୍ୟ କେଉଁ ଉଦ୍ଦେଶ୍ୟରେ ଆପଣ ପଠାଇଛନ୍ତି ସେ ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଓ ବିବରଣୀ ନ ଥିଲେ ତାହା ଶ୍ରୀଶ୍ରୀଠାକୁରଙ୍କ ସେବାର କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ନାହିଁ, ବରଂ ତାହା ହିସାବ ରକ୍ଷା କରିବା କ୍ଷେତ୍ରରେ ଅସୁବିଧା ସୃଷ୍ଟି କରେ ।**

★ ବ୍ୟକ୍ତିଗତ ଭାବେ ଯେଉଁମାନେ ଫିଲାନ୍ଥ୍ରପି କାଉଣ୍ଟରରେ ଇଷ୍ଟଭୃତି ଅର୍ଘ୍ୟ ଜମା କରନ୍ତି ଅଥବା ଯେଉଁମାନେ ଲଟ୍‌ରେ ଇଷ୍ଟଭୃତି ଫର୍ମ ନେଇ ଆସନ୍ତି, ସେମାନଙ୍କୁ ଜଣାଇ ଦିଆଯାଉଛି କି ଦେଓଘର, କୋଲକାତାର ଅମରଧାମ୍, ସିଲିଗୁଡ଼ି, ଗୌହାଟୀ, ଭୁବନେଶ୍ୱର, ସମ୍ବଲପୁର ସତ୍ସଙ୍ଗ ବିହାରରେ ଥିବା ଫିଲାନ୍ଥ୍ରପି କାଉଣ୍ଟରକୁ ଅର୍ଘ୍ୟ ଜମା ଲାଗି ଯିବେ ନାହିଁ।

★ ଫିଲାନ୍ଥ୍ରପିରେ କେବଳ କେନ୍ଦ୍ର-ମନ୍ଦିରରୁ ଅଥବା ଡାକଦ୍ୱାରା କିମ୍ବା କୋରିଅରରେ ଆସୁଥିବା ଲଟ୍ ହିଁ ଗ୍ରହଣ କରାଯିବ। ପୁଣି, କେହି ଏଭଳି ଲଟ୍‌କୁ ବ୍ୟକ୍ତିଗତ ଭାବେ ଡାକଦ୍ୱାରା କିମ୍ବା କୋରିଅରରେ ପଠାଇଲେ ତାହା ଗ୍ରହଣୀୟ ହେବ ନାହିଁ। ଲଟ୍ କେବଳ ଉପଯୋଜନା କେନ୍ଦ୍ରବା କେନ୍ଦ୍ର-ମନ୍ଦିରରୁ ଆସିଲେ ହିଁ ଗ୍ରହଣୀୟ ହେବ।

★ ବ୍ୟକ୍ତିଗତ ଅର୍ଘ୍ୟ ନିକଟସ୍ଥ ଉପଯୋଜନା କେନ୍ଦ୍ର ମାଧମରେ ସତ୍ସଙ୍ଗ କେନ୍ଦ୍ର-ବିହାର-ମନ୍ଦିରରେ ଜମା ହେବ। ସେଥିଲାଗି ଡିପୋଜିଟ୍ ସ୍ଲିପକୁ ଠିକ୍‌ଭାବେ ପୂରଣ କରି ନିଜ ସ୍ୱାକ୍ଷର ସହ ଜମା କରିବାକୁ ପଡ଼ିବ।

★ ଯେଉଁମାନେ ବ୍ୟକ୍ତିଗତ ଭାବେ ବ୍ୟାଙ୍କରେ ଅର୍ଘ୍ୟ ପୈଠ କରିଛନ୍ତି, ସେମାନେ ବ୍ୟାଙ୍କ ଚାଲାଣର Satsang Copy ଓ Devotee Copy ସହିତ ଡିପୋଜିଟ୍ ସ୍ଲିପ୍‌କୁ ଏକାଠି ଗୁନ୍ଥି ଉପଯୋଜନା କେନ୍ଦ୍ରରେ ଜମା ଦେଲେ,ସେହି


©SATSANG

କେନ୍ଦ୍ର ମାର୍ଫତ ନିଜର  ଅର୍ଘ୍ୟ-ପ୍ରସ୍ୱସ୍ତି ପାଇଯିବେ।

★ ଏହି ପରିପ୍ରେକ୍ଷୀରେ ଉପଯୋଜନା କେନ୍ଦ୍ର ସହ ସଂଯୁକ୍ତ କର୍ମୀମାନଙ୍କୁ ଅବଗତ କରାଯାଉଛି କି ବ୍ୟକ୍ତିଗତ ଅର୍ଘ୍ୟଦାତାଙ୍କର ଡକୁମେଣ୍ଟ (ଡିପୋଜିଟ୍ ସ୍ଲିପ୍ ଓ ଚାଲାଣ ଇତ୍ୟାଦି) ଲଟ୍ ସାଥିରେ ନ ପଠାଇ ତାହାକୁ ଏକତ୍ର କରି ସ୍ୱତନ୍ତ୍ରଭାବେ କେନ୍ଦ୍ର-ମନ୍ଦିରରେ ଜମା ଦେବେ। ଆଉ କେନ୍ଦ୍ର-ମନ୍ଦିରର କର୍ମୀମାନେ ମଧ ସେଗୁଡ଼ିକ ସେହିପରି ପୃଥକ୍ଭାବେ ଫିଲାନ୍ଥ୍ରପିରେ ଜମାଦେବେ।

★ ଯେଉଁସବୁଅଞ୍ଚଳରେଉପଯୋଜନାକେନ୍ଦ୍ର, ସତ୍ସଙ୍ଗ କେନ୍ଦ୍ର-ମନ୍ଦିରର ସଂଖ୍ୟା କମ୍ ବା ଆଦୌ ନାହିଁ, ସେ ସମସ୍ତ ଅଞ୍ଚଳର ଭକ୍ତଗଣ ପୂର୍ବ ଭଳି ବ୍ୟକ୍ତିଗତ ବା ସମଷ୍ଟିଗତ ଅର୍ଘ୍ୟ ନିଜେ ହେଉ ଅଥବା ଉପଯୋଜନା କେନ୍ଦ୍ର ମାଧମରେ ହେଉ, ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେଇ By registered Post / by Courier ଦ୍ୱାରା ଅର୍ଘ୍ୟପ୍ରଦାତାଙ୍କ ସ୍ୱାକ୍ଷରସମ୍ବଳିତ ଡିପୋଜିଟ୍ ସ୍ଲିପ୍ ଏବଂ ବ୍ୟାଙ୍କ ସିଲ୍ ମରାଯାଇଥିବା ଚାଲାଣର Satsang Copy ଓ Devotee Copy ସତ୍ସଙ୍ଗ ଦେଓଘର ଫିଲାନ୍ଥ୍ରପିକୁ ପଠାଇବେ।

★ ସମସ୍ତକେନ୍ଦ୍ର-ମନ୍ଦିରରକର୍ମୀମାନଙ୍କୁଏକଥାବିଶେଷଭାବେମନେରଖିବାକୁହେବଯେ ବିଭିନ୍ନ ଉପଯୋଜନା କେନ୍ଦ୍ରରୁ ଆସିଥିବା ଲଟ୍ ଓ ବ୍ୟାଙ୍କ ଚାଲାଣ ଯେଭଳି ମିଶି ନ ଯାଏ। ଏହାକୁ ସେମାନେ ଯେଭଳି ପୃଥକ୍ଭାବେ ଗ୍ରହଣ କରିଥିବେ ଠିକ୍ ସେଭଳି ପୃଥକ୍ଭାବେ ସଜାଡ଼ି ଜମା କରିବେ। କେବଳ ସେତିକି ନୁହେଁ, ଜମା ପୂର୍ବରୁ ହିସାବ ମଧ ମିଳାଇ ନେବେ।

★ ଉପଯୋଜନାକେନ୍ଦ୍ରରକର୍ମୀମାନଙ୍କରଅବଗତିନିମନ୍ତେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଜଣାଇ ଦିଆଯାଉଛି କି ସେମାନେ ଯେଉଁ ସତ୍ସଙ୍ଗ ବିହାର-ମନ୍ଦିର ସହ ସଂଯୁକ୍ତ ସେଠାକାର କର୍ମକର୍ତ୍ତାଙ୍କୁ ପ୍ରଥମେ ଫୋନ୍ ମାଧମରେ ଯୋଗାଯୋଗ କରି ସ୍ଥିରୀକୃତ ସମୟରେ ଯାଇ ଲଟ୍ ଏବଂ ଅନ୍ୟ ଡକୁମେଣ୍ଟ ସେଠାରେ ଜମା କରିବେ।

★ ସେହିପରି କେନ୍ଦ୍ର-ମନ୍ଦିରର କର୍ମୀମାନେ ଫିଲାନ୍ଥ୍ରପି କାଉଣ୍ଟର ସହ ଫୋନ୍ ମାଧମରେ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟରେ ଆସି ବିଭିନ୍ନ ଉପଯୋଜନା କେନ୍ଦ୍ରରୁ ସଂଗୃହୀତ ଲଟ୍ ଜମାଦେବେ ଏବଂ  ଅର୍ଘ୍ୟ-ପ୍ରସ୍ୱସ୍ତି ପ୍ରିଣ୍ଟ କରାଯିବା ପରେ ପୁନରାୟ ଯୋଗାଯୋଗ କରି ସଂଗ୍ରହ କରିବେ। ଏପରି ବି କରାଯାଇପାରେ- ଯେଉଁଦିନ ଗୋଟିଏ ମାସର ଲଟ୍ ଜମା ଦେବାକୁ ଯିବେ ସେଦିନ ହିଁ ପୂର୍ବ ମାସର  ଅର୍ଘ୍ୟ-ପ୍ରସ୍ୱସ୍ତି ନେଇ ଆସିବେ।

**ପ୍ରଶ୍ନ:—**

**★★ ନବବର୍ଷ ପର୍ଯ୍ୟନ୍ତ ଜମା ଥିବା ଦୀକ୍ଷାପ୍ରଣାମୀ ଓ ଦୀକ୍ଷାପତ୍ର ଜମା ଦେବା କ୍ଷେତ୍ରରେ କି ନିର୍ଦ୍ଦେଶ ରହିଛି?**

**★★ ବିଗତ ନବବର୍ଷ ଉତ୍ସବର ଅର୍ଘ୍ୟ ଏବଂ ରସିଦ ବହି ଜମା ଦେବା ସଂକ୍ରାନ୍ତରେ କି ନିର୍ଦ୍ଦେଶ ରହିଛି?**

**ଉତ୍ତର: —**

ନିଜର ବ୍ୟକ୍ତିଗତ ଇଷ୍ଟଭୃତି ପ୍ରେରଣ ସମୟରେ ଏକ ଅଲଗା ଡିପୋଜିଟ୍ ସ୍ଲିପ୍ ପୂରଣ କରି ଦୀକ୍ଷାପ୍ରଣାମୀ ଓ

ନିର୍ଦ୍ଦିଷ୍ଟ କୋଡ଼୍UTSAV-ରେ **Beneficiary's Name** ଉଲ୍ଲେଖ କରି ଉତ୍ସବ ଅର୍ଘ୍ୟପଠାଇ ପାରିବେ।

★ **ସବୁ କର୍ମୀଙ୍କୁ ଏହା ଅବଶ୍ୟ ମନେରଖିବାକୁ ହେବ କି ଦୀକ୍ଷାକାଳୀନ ଠାକୁର ପ୍ରଣାମୀର କୋଡ଼୍ DPRNM ଏବଂ ଆଚାର୍ଯ୍ୟ ପ୍ରଣାମୀର କୋଡ଼୍ (APRNM) .**

★ ଯେଉଁ କର୍ମୀଙ୍କର ଉତ୍ସବ ଅର୍ଘ୍ୟ ଜମା ହେଉଛି ତାଙ୍କ ନାମ Beneficiary's Name ସ୍ଥାନରେ ଉଲ୍ଲେଖ କରା ନ ଗଲେ ଅର୍ଘ୍ୟ ଗ୍ରହଣରେ ଖୁବ ଅସୁବିଧା ହୁଏ।

★ ଯେତେବେଳେ ଦେଓଘର ଆସିବା ଭଳି ପରିସ୍ଥିତି ସୃଷ୍ଟିହେବ, ସେ ସମୟରେ ଦୀକ୍ଷାପତ୍ର ଓରସିଦ ବହି ଜମାଦେବେ। ଯଦି ପରବର୍ତ୍ତୀ ସମୟରେ ଏ ସଂକ୍ରାନ୍ତରେ କୌଣସି ବିକଳ୍ପ ଉପାୟ ନିର୍ଦ୍ଦେଶିତ ହୁଏ, ତେବେ ତାହା ସକଳଙ୍କୁ ଅବଗତ କରା ଯିବ।

**★★ ଅର୍ଘ୍ୟ ନିବେଦକଙ୍କ ପ୍ରଦତ୍ତ ବ୍ୟକ୍ତିଗତ ଅଥବା ପରିବାରିକ ଇଷ୍ଟାର୍ଘ୍ୟ ଉପଯୋଜନା କେନ୍ଦ୍ର ଜରିଆରେ କେନ୍ଦ୍ର-ମନ୍ଦିର ଦ୍ୱାରା ଫିଲାନ୍ଥ୍ରପି ପହଞ୍ଚିବାର ଧାରାବାହିକ ପ୍ରକ୍ରିୟାକୁ ସମସ୍ତେ ଯେପରି ମନେରଖନ୍ତି ଏବଂ ପ୍ରକୃଷ୍ଟଭାବେ ଏହାକୁ ପରିପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ।**

**ବିଶେଷ ଭାବେ ମନେରଖିବାକୁ ପଡ଼ିବ—**

**୧- ସଂକ୍ରମଣର କୌଣସି ସୁଯୋଗ ଯେପରି ନ ଘଟେ ସେଦିଗରେ ନଜର ଦେବାକୁ ହେବ ସକଳଙ୍କୁ । କୌଣସି ପ୍ରକାରେ କାହା ସହ ଶାରୀରିକ ସଂସ୍ରବରେ ଆସିବା, ଭିଡ ସୃଷ୍ଟି କରିବା,ଏସବୁ କଠୋର ଭାବେ ନିୟନ୍ତ୍ରଣ କରିବାକୁ ହେବ। ସାମାଜିକ ଦୂରତା ରକ୍ଷା କରିବା ,ସ୍ୟାନିଟାଇଜ କରିବା,ବାଧ୍ୟତାମୂଳକ ଭାବେ ମାସ୍କ ପରିଧାନ କରିବା ଏକାନ୍ତ ହିଁ ଅନିବାର୍ଯ୍ୟ।**

**୨- ପୂର୍ବରୁ ଯୋଗାଯୋଗ ନ କରି ଏବଂ ପରିଚାଳକଙ୍କ ସମ୍ମତି ବିନା କୌଣସି ଉପଯୋଜନା କେନ୍ଦ୍ର ଅଥବା କେନ୍ଦ୍ର-ମନ୍ଦିରଗୁଡ଼ିକୁ ଅର୍ଘ୍ୟ ଓ ଡକୁମେଣ୍ଟ ଜମା ଦେବାକୁ ଯାଆନ୍ତୁ ନାହିଁ।**

**୩- ଉପଯୋଜନା କେନ୍ଦ୍ରର ହେଉ ଅଥବା ବ୍ୟକ୍ତିଗତ ହେଉ, ଇଷ୍ଟାର୍ଘ୍ୟ ଯଦି କେନ୍ଦ୍ର-ମନ୍ଦିର ମାଧ୍ୟମରେ ନ ଆସେ ତେବେ ଫିଲାନ୍ଥ୍ରପି ଦ୍ୱାରା ଗ୍ରହଣୀୟ ହେବ ନାହିଁ। ଯଦି କେହି ଭୁଲବଶତଃ ନେଇ ବି ଆସନ୍ତି, ତାହା ମଧ୍ୟ ଫିଲାନ୍ଥ୍ରପି କାଉଣ୍ଟରରେ ଜମା ହୋଇପାରିବ ନାହିଁ।**

**୪- ପ୍ରତ୍ୟେକ ଡିପୋଜିଟ୍ ସ୍ଲିପ୍‌ରେ ଅର୍ଘ୍ୟଦାତାଙ୍କ ସ୍ୱାକ୍ଷର ରହିବା ବାଧ୍ୟତାମୂଳକ। ଉପଯୋଜନା କେନ୍ଦ୍ରର କର୍ମୀମାନେ ଡିପୋଜିଟ୍ ସ୍ଲିପ୍‌ରେ ସ୍ୱାକ୍ଷର ହୋଇଛି କି ନାହିଁ ତାହା ଭଲଭାବେ ଯାଞ୍ଚ କରିବେ। ଗୋଟିଏ ପରିବାରର ଅଥବା ଗୋଟିଏ ଫ୍ୟାମିଲି କୋଡ଼୍‌ରେ ଥିବା ସମସ୍ତଙ୍କର ସ୍ୱାକ୍ଷର ଆବଶ୍ୟକ ନୁହେଁ, ସେ କ୍ଷେତ୍ରରେ ପରିବାରର କେବଳ ଜଣେ ସ୍ୱାକ୍ଷର କଲେ ହିଁ ହେବ।**

**୫- ସତ୍‌ସଙ୍ଗର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ଅର୍ଘ୍ୟ ଜମା କରିବା ଲାଗି ଉଦ୍ଦିଷ୍ଟ ଚାଲାଣରେ ତିନିଟି**

ଭାଗରୁଗୋଟିଏ ବ୍ୟାଙ୍କ ଜମାରଖେ (Bank Copy) ଏବଂ ବାକି ଦୁଇଟି ସିଲ୍ ଲଗାଇ(Satsang Copy ଓ Devotee Copy)ଫେରସ୍ତ କରିଥାଏ। ଫିଲାନ୍ଥ୍ରପିରେ ଡିପୋଜିଟ୍ ସ୍ଲିପ୍ ସହ Satsang Copy ଓ Devotee Copy ଜମା ଦେବାକୁ ହେବ। ପରେ Devotee Copyଟି ଅର୍ଘ୍ୟଦାତାଙ୍କୁ ଫେରସ୍ତ ମିଳିବ, ଯାହା ନିଜ ପାଖରେ ରସିଦ୍ ହିସାବରେ ରହିବ।

୬- ବ୍ୟାଙ୍କରେ ଅର୍ଘ୍ୟ ଜମା ସମୟରେ ଚାଲାଣର ତିନିଟିଯାକ ଭାଗରେ ସିଲ୍ ଲାଗିଲା କି ନାହିଁ ତାହା ଅର୍ଘ୍ୟଦାତା ନିଶ୍ଚିତ ପରଖି ନେବା ଉଚିତ।

7- ଲୋକବଳ ଅଭାବରୁ ଲଟ୍ ଜମା କରିବା ସଙ୍ଗେସଙ୍ଗେ ଅର୍ଘ୍ୟ-ପ୍ରସ୍ୱସ୍ତି ପ୍ରିଣ୍ଟ କରିବା ସମ୍ଭବ ହେଉନାହିଁ। ଏପରିସ୍ଥଳେ ଫିଲାନ୍ଥ୍ରପିର ଯେଉଁ କେନ୍ଦ୍ରରେ ଲଟ୍ ଜମା ଦିଆଯାଇଛି ସେଠାକାର ଦାୟିତ୍ୱଶୀଳ ବ୍ୟକ୍ତିଙ୍କ ଫୋନ ନମ୍ବର ରଖନ୍ତୁ ଓ ନିଜର ଫୋନ୍ ନମ୍ବର ମଧ ତାଙ୍କୁ ଦେବା ସହ ଯୋଗାଯୋଗରେ ରହନ୍ତୁ। ଫଳରେ ଅର୍ଘ୍ୟ-ପ୍ରସ୍ୱସ୍ତି ପ୍ରିଣ୍ଟ ହେବା ସୂଚନା ଆପଣ ପାଇପାରିବେ ଓ ଯଥାସମୟରେ ତାହା ସଂଗ୍ରହ କରିପାରିବେ।

★★ ଡିପୋଜିଟ୍ ସ୍ଲିପ୍ ଓ ବିଭିନ୍ନ ବ୍ୟାଙ୍କ ଚାଲାଣ ଡାଉନ୍‌ଲୋଡ୍ କରିବା ଲାଗି ଏଠାରେ କ୍ଲିକ୍ କରନ୍ତୁ-

http://satsang.org.in/forms

## କେନ୍ଦ୍ର-ମନ୍ଦିରକୁ ଯାତାୟାତ ସଂକ୍ରାନ୍ତ

ପ୍ରଶ୍ନ:—

★★କେନ୍ଦ୍ର-ମନ୍ଦିରଗୁଡ଼ିକ କେବେଠାରୁ ଖୋଲାଯିବ? କେନ୍ଦ୍ର-ମନ୍ଦିରଗୁଡିକରେ ସ୍ୱାଭାବିକଭାବେ ପ୍ରବେଶ ଏବଂ ଅବସ୍ଥାନର ସମୟସୀମା ଉପରେ କ'ଣସବୁ ବିଧିନିଷେଧ ଅଛି? ଏକସଙ୍ଗେ କେତେ ଲୋକ କେନ୍ଦ୍ର-ମନ୍ଦିରକୁ ଆସିପାରିବେ? କେନ୍ଦ୍ର-ମନ୍ଦିରଗୁଡ଼ିକ ଖୋଲିବା ଏବଂ ବନ୍ଦ ରହିବାର ନିୟମଏବଂ ସମୟସୀମା କ'ଣ ହେବ? କୌଣସି କୌଣସି ସ୍ଥାନ ରେଡ୍ ଜୋନ୍ ହୋଇଥିବାରୁ ସେଠାରେ କେନ୍ଦ୍ର-ମନ୍ଦିର ଖୋଲିବା ବ୍ୟାପାରରେ ବିଶେଷ କୌଣସି ନିର୍ଦ୍ଦେଶ ଅଛି କି?

ଉତ୍ତର: —

★ ଯେଉଁସବୁ ଅଞ୍ଚଳରେ ଲକ୍‌ଡାଉନ୍ ଉଠାଇ ଦିଆଯାଇଛି କିମ୍ବା କୋହଳ କରାଯାଇଛି, ସେଠାରେ ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପରାମର୍ଶ ନେଇଦିନ ବେଳା ଭୋଗ ସମୟକୁ ବାଦ ଦେଇ କିଛି ଘଣ୍ଟା ପାଇଁ ଭକ୍ତମାନଙ୍କୁ ପ୍ରଣାମ ନିବେଦନ କରିବା ଲାଗି ଥରକେ ୭/୮ ଜଣଙ୍କୁ ଅନୁମତି ଦିଆଯାଇପାରେ। କିନ୍ତୁ କେହି ପ୍ରଣାମ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବା ଉଚିତ ନୁହେଁ।

★ **ରେଡ୍ ଜୋନ୍‌**ରେ କୌଣସି ପ୍ରକାରେ କେନ୍ଦ୍ର-ମନ୍ଦିରାଦି ଖୋଲାଯିବ ନାହିଁ। ଏହାଦ୍ୱାରା ସଂକ୍ରମଣ ଆଶଙ୍କା ବଢ଼ିଯାଇପାରେ।

**★ ସମସ୍ତ ଅବସ୍ଥାରେ ସ୍ଥାନୀୟ ପ୍ରଶାସନିକ ବିଧି-ନିଷେଧ ମାନିବାକୁ ହେବ। ସାମାଜିକ ଦୂରତା ରକ୍ଷା, ସାନିଟାଇଜେଶନ, ମୁହଁରେ ମାସ୍କର ବାଧ୍ୟତାମୂଳକ ପ୍ରୟୋଗ ଯେପରି କଠୋର ଭାବେ କରାଯାଏ। ନିଜ ସମୟ ସୁବିଧା ଅନୁଯାୟୀ ଯେତେବେଳେ ସେତେବେଳେ କେନ୍ଦ୍ର-ମନ୍ଦିରକୁ ଆସିବା ଯେପରି ବନ୍ଦ କରାଯାଏ।**

**ପ୍ରଶ୍ନ:—**

**★★ପ୍ରାର୍ଥନା ସମୟରେ କେତେଜଣଙ୍କୁ କେନ୍ଦ୍ର-ମନ୍ଦିରକୁ ଆସିବାକୁ ଅନୁମତି ଦିଆଯିବ? କେନ୍ଦ୍ର-ମନ୍ଦିରଗୁଡ଼ିକରେ ସତ୍‌ସଙ୍ଗର ଆୟୋଜନ କରାଯାଇପାରିବ କି? ଯଦି କରାଯାଇପାରିବ, ତେବେ ତାହା କିପରିଭାବେ? କେନ୍ଦ୍ର-ମନ୍ଦିର, ଉପଯୋଜନା କେନ୍ଦ୍ରଗୁଡ଼ିକରେ ସତ୍‌ସଙ୍ଗ କିମ୍ବା ପରିବାରିକ/ଘରୋଇ-ସତ୍‌ସଙ୍ଗ କରାଯାଇପାରିବ କି ନା ଏବଂ କଲେ କିପରି ଭାବରେ କରାଯିବ ଏବଂ ଉପସ୍ଥିତ ଲୋକଙ୍କ ସଂଖ୍ୟା କେତେ ରହିବ?**

**ପ୍ରଶ୍ନ:—**

**★★କେନ୍ଦ୍ର-ମନ୍ଦିରରେ ପ୍ରାର୍ଥନା ବା ସତ୍‌ସଙ୍ଗରେ ମାଇକ୍‌ର ବ୍ୟବହାର କରାଯିବ କି ନା?**

**କେନ୍ଦ୍ର-ମନ୍ଦିରଗୁଡ଼ିକରେ ପାଳନ କରାଯାଉଥିବା ଅନୁଷ୍ଠାନଗୁଡ଼ିକ ଉପଲକ୍ଷେ ସତ୍‌ସଙ୍ଗ ଏବଂ ପ୍ରସାଦ-ବିତରଣର ବ୍ୟବସ୍ଥା କରାଯାଇପାରିବ କି? ସ୍ଥାନୀୟ ଉତ୍ସବାଦି ଆୟୋଜନ କ୍ଷେତ୍ରରେ କ'ଣ କରାଯିବ?**

**ଉତ୍ତର: —**

★ ଯେଉଁ ଦର୍ଶନାର୍ଥୀମାନେ ବାହାରୁ ଆସିବେ, ସେମାନଙ୍କୁ ଏଇ ମୁହୂର୍ତ୍ତରେ ପ୍ରାର୍ଥନା ସମୟରେ କେନ୍ଦ୍ର-ମନ୍ଦିରକୁ ଆସିବାରୁ ବିରତ ରଖିବା ଆବଶ୍ୟକ। ଆଉ କିଛି ଦିନ ପରେ ପରିସ୍ଥିତି ଅନୁଧାବନ କରି ନିଷ୍ପତ୍ତି ନିଆଯିବ।

★ ଲୋକମାନେ ଏକାଠି ହୋଇ କେଉଁଠି ସତ୍‌ସଙ୍ଗ ବା ମାତୃ-ସମ୍ମିଳନୀ କରିବାକୁ ଗଲେ ପ୍ରଶାସନିକ ନିଷ୍ପତ୍ତି ମାନିବା ଅନିବାର୍ଯ୍ୟ। ସର୍ବୋପରି ନିଜେ ସଂକ୍ରମିତ ନ ହେବା ସହ ଅନ୍ୟମାନଙ୍କୁ ସଂକ୍ରମଣରୁ ଦୂରେଇ ରଖିବା ପ୍ରତି ଧ୍ୟାନ ଦେବା ଆବଶ୍ୟକ। **ତେଣୁ ବର୍ତ୍ତମାନ ଆପାତତଃ ଏସବୁ ଆଉ କିଛି ଦିନ ସ୍ଥଗିତ ରଖିବା ହିଁ ଶ୍ରେୟ।**

★ କେନ୍ଦ୍ର-ମନ୍ଦିରଗୁଡ଼ିକରେ ବର୍ତ୍ତମାନ ସତ୍‌ସଙ୍ଗ ହେଲେ ଲୋକମାନେ ଏକାଠି ହେବେ। ବହିରାଗତ ଲୋକମାନଙ୍କ ଯୋଗଦାନ ତଥା ବହୁ ଲୋକ ସମବେତ ହେବା ବର୍ତ୍ତମାନ ପରିସ୍ଥିତିରେ ଉଚିତ ନୁହେଁ। **ଯେଉଁମାନେ ଏକାସାଥୀରେ ବାସ କରନ୍ତି, ସେମାନେ ସମବେତଭାବେ ସତ୍‌ସଙ୍ଗ କଲେ କିଛି ଅସୁବିଧା ନାହିଁ। ଅଳ୍ପସଂଖ୍ୟକ ଲୋକଙ୍କ ଉପସ୍ଥିତିରେ ସତ୍‌ସଙ୍ଗ କରାଗଲେ ମଧ୍ୟ କୌଣସି ପ୍ରକାରେ ସମାବେଶ କରାଯାଇ ପାରିବ ନାହିଁ।**

★ ସତସଙ୍ଗ ବିହାର, ଶ୍ରୀମନ୍ଦିର, ଉପାସନା କେନ୍ଦ୍ର, ସତ୍‌ସଙ୍ଗ କେନ୍ଦ୍ର (ସ୍ଥାୟୀ/ଅସ୍ଥାୟୀ), ଅଧିବେଶନ କେନ୍ଦ୍ରଗୁଡ଼ିକରେ ବର୍ତ୍ତମାନ କିଛିଦିନ ମାଇକ୍ ବ୍ୟବହାରକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

★ କେନ୍ଦ୍ର-ମନ୍ଦିରଗୁଡ଼ିକରେ ପାଳିତ ହେଉଥିବା ଅନୁଷ୍ଠାନଗୁଡ଼ିକ ପରିସ୍ଥିତି ଅନୁଯାୟୀ ଯେତେବେଳେ ଯାହା ଯେପରି ଭାବେ ପାଳନ କରାଯାଏ ତାହା ସେପରି ଭାବେ କରିବାକୁ ହେବ। ଯଦି ବଞ୍ଚିବାବଢ଼ିବାର ପ୍ରୟୋଜନରେ ସମବେତ ଆନନ୍ଦ-ଉଲ୍ଲାସ, ଉତ୍ସବାଦି ପାଳନକୁ ସ୍ଥଗିତ ରଖିବାକୁ ପଡ଼େ, ତେବେ ସେପରି କରିବାକୁ ହେବ। ତା'ଛଡ଼ା, ଏ କ୍ଷେତ୍ରରେ ମଧ **ପ୍ରଶାସନିକ ନିଷ୍ପତ୍ତି ମାନିବା ଏବଂ ପ୍ରଶାସନିକ ଅନୁମତି ବିନା କୌଣସି ଜନସମାଗମ ନ କରିବା ବାଞ୍ଛନୀୟ।**

**ପ୍ରଶ୍ନ:—**

**★★ଲକ୍‌ଡାଉନ୍ ଖୋଲିବା ପରେ କେନ୍ଦ୍ର-ମନ୍ଦିରର ଗେଷ୍ଟ ହାଉସରେ ରହିବା ବ୍ୟାପାରରେ କି କି ବିଧିନିଷେଧ ପାଳନ କରିବାକୁ ହେବ ଏବଂ ଭଣ୍ଡାରା (ପ୍ରସାଦ ବିତରଣ ବ୍ୟବସ୍ଥା) ଚଳାଇବା ବ୍ୟାପାରରେ କ'ଣ କରିବାକୁ ହେବ?**

**★★କେନ୍ଦ୍ର-ମନ୍ଦିରଗୁଡ଼ିକୁ ରୋଗ ବା ପ୍ରଦୂଷଣରୁ କିପରି ମୁକ୍ତ ରଖାଯାଇପାରିବ?**

**★★କେନ୍ଦ୍ର-ମନ୍ଦିରଗୁଡିକରେ ଜନସାଧାରଣଙ୍କ ପ୍ରବେଶ କ୍ଷେତ୍ରରେ ପ୍ରାଥମିକଭାବେ ଅବଶ୍ୟ ପାଳନୀୟ ସଦାଚାର-ବିଧି, ଯଥା ମୁହଁରେ ମାସ୍କ ବାନ୍ଧିବା, ସାନିଟାଇଜର, ସାମାଜିକ ଦୂରତା ଇତ୍ୟାଦିର ପ୍ରୟୋଗ କରିବା ବାଧ୍ୟତାମୂଳକ କରିବା ଉଚିତ କି?**

**ଉତ୍ତର: —**

★ ବର୍ତ୍ତମାନ କେନ୍ଦ୍ର-ମନ୍ଦିରର ଅତିଥି ଆବାସରେ ରହିବା ବା ପ୍ରସାଦ ବିତରଣର ବ୍ୟବସ୍ଥା ନ କରିବା ଭଲ। ବର୍ତ୍ତମାନ ସମୟରେ ଆଭ୍ୟନ୍ତରୀଣ ଲକ୍‌ଡାଉନ୍ ମାନି ଚାଲିବା ଉଚିତ।

★ ମୋଟ ଉପରେ ଜନସମାଗମକୁ ଯେତେ ଏଡାଯାଇପାରିବ, ଯେଉଁମାନେ କେନ୍ଦ୍ର-ମନ୍ଦିରରେ ବାସ କରୁଛନ୍ତି ସେମାନେ ଯେତେ ବାହାରେ ମିଳାମିଶା କମ୍ କରିବେ ଏବଂ ମାସ୍କ, ସାମାଜିକ ଦୂରତା ଏବଂ ସାନିଟାଇଜେଶନ ଇତ୍ୟାଦିର ସଦ୍‌ବ୍ୟବହାର ଯେତେ କରାହେବ, ସେତେ ହିଁ ପ୍ରଦୂଷଣମୁକ୍ତ ରହିବା ସମ୍ଭବ। **କେନ୍ଦ୍ର-ମନ୍ଦିରଗୁଡିକରେ ଜନସାଧାରଣଙ୍କ ପ୍ରବେଶ କ୍ଷେତ୍ରରେ (ଅବଶ୍ୟ ନିୟନ୍ତ୍ରିତ ଭାବରେ), ପ୍ରାଥମିକଭାବେ ଅବଶ୍ୟ ପାଳନୀୟ ସଦାଚାରବିଧି, ଯଥା- ଫେସ୍ ମାସ୍କ, ସାନିଟାଇଜର୍, ସାମାଜିକ ଦୂରତା ଇତ୍ୟାଦିର ପ୍ରୟୋଗ ବାଧ୍ୟତାମୂଳକ।**

## ଯାଜନ-ଦୀକ୍ଷା-ପାଞ୍ଜାସମ୍ବନ୍ଧୀୟ

ପ୍ରଶ୍ନ:—

★★ବର୍ତ୍ତମାନ ଦୀକ୍ଷା ଦିଆଯିବ କି ନା ଏବଂ କେତେଜଣଙ୍କୁ ଏକାଠି ଦୀକ୍ଷା ଦିଆଯାଇପାରିବ? ଋତ୍ୱିକ୍‌ମାନେ କେଉଁଠାରେ, କି କି ପରିସ୍ଥିତିରେ ଏବଂ କିପରିଭାବେ ଦୀକ୍ଷାଦାନ କରିପାରିବେ? ଦୀକ୍ଷାପ୍ରାର୍ଥୀଙ୍କୁ ଦୀକ୍ଷାଦାନ ବ୍ୟାପାରରେ ବା ଗଣଦୀକ୍ଷା ବ୍ୟାପାରରେ କର୍ମୀମାନଙ୍କର କ'ଣ କରଣୀୟ?

★★ସହର ତଥା ଗାଁରେ ଯାଜନ ପରିକ୍ରମା ଏବଂ କାହା ଘରେ ଦୀକ୍ଷା ବ୍ୟବସ୍ଥା କରାଯାଇପାରିବ କି ନା? କାହାକୁ ନିଜ ପାଖକୁ ବା ଘରକୁ ଡାକି ଦୀକ୍ଷାଦାନ କରାଯାଇପାରିବ କି ନା?

ଉତ୍ତର: —

★ ସବୁ ଅବସ୍ଥାରେ ଇଷ୍ଟଙ୍କ ସହିତ ଯୁକ୍ତ ରହିବା ଏବଂ ପାରିପାର୍ଶ୍ୱିକକୁ ଇଷ୍ଟଙ୍କ ସହିତ ଯୁକ୍ତ କରିବାକୁ ଚେଷ୍ଟା କରିବା ଆମ୍ଭମାନଙ୍କର ନିତ୍ୟ କରଣୀୟ।

**★ ଦୀକ୍ଷାପ୍ରାର୍ଥୀଙ୍କୁ ଦୀକ୍ଷା ଦେବା ଅବଶ୍ୟ କର୍ତ୍ତବ୍ୟ, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତାହା କିପରିଭାବେ କେତେଦୂର କାର୍ଯ୍ୟକାରୀ କରିହେବ ତାହା ମଧ୍ୟ ଚିନ୍ତା କରିବା ଏକାନ୍ତ ପ୍ରୟୋଜନ।**

**★ ବିଶେଷ କରି, ଦୀକ୍ଷାପ୍ରାର୍ଥୀର ସାମ୍ପ୍ରତିକ ଭ୍ରମଣବୃତ୍ତାନ୍ତ ଏବଂ ଦୈନନ୍ଦିନ ଜନସଂଯୋଗର ବିଷୟ ଜାଣି, ବୁଝି, ବିଚାର କରି ତା'ପରେ ଯାଇ ନିଷ୍ପତ୍ତି ନେବା ଆବଶ୍ୟକ।**

**★ ନିଜେ ସଂକ୍ରମିତ ହେବା ଏବଂ ଅନ୍ୟମାନଙ୍କୁ ସଂକ୍ରମିତ ହେବାର ସୁଯୋଗ ସୃଷ୍ଟି କରିବା– କୌଣସି ପ୍ରକାରେ ବାଞ୍ଛନୀୟ ନୁହେଁ।**

★ ତେଣୁ ସମସ୍ତ କାର୍ଯ୍ୟ ସୀମା ମଧ୍ୟରେ ରହି ସଂଯତ ହୋଇ ଯେତେଟା କରାଯାଇପାରେ କରିବା ଉଚିତ। ଯେଉଁସବୁ ସତର୍କତା ଅବଲମ୍ବନ କରିବା ଉଚିତ, ସେସବୁ ଅବଶ୍ୟ କରିବାକୁ ହେବ।

**★ ଏହି ପରିସ୍ଥିତିରେ ଏକା ସାଥୀରେ ବହୁଲୋକଙ୍କୁ ଦୀକ୍ଷାଦାନ ନ କରିବା ଭଲ।**

**★ ଆଉ କିଛିଦିନ ଗ୍ରାମରେ, ସହରରେ କିମ୍ବା ଘରଘର ପରିକ୍ରମା ମାଧ୍ୟମରେ ଦୀକ୍ଷାଦାନ କାର୍ଯ୍ୟ ସ୍ଥଗିତ ରଖାଯିବା ଉଚିତ।**

ପ୍ରଶ୍ନ:—

★★ଯାଜନ କାର୍ଯ୍ୟରେ ଘରକୁ ଘର ବୁଲାଯାଇ ପାରିବ କି?

ଉତ୍ତର: —

★ ଯେତେଦୂର ସମ୍ଭବ ପ୍ରତ୍ୟକ୍ଷ ଶାରୀରିକ ନୈକଟ୍ୟକୁ ଏଡ଼ାଯାଇପାରିବ, ସେତେ ଭଲ। କାହା ଘରର କିପରି ପରିସ୍ଥିତି, ରୋଗର ସଂକ୍ରମଣ କେଉଁଠି ଅଛି କି ନାହିଁ, ତାହା ଜାଣିବା ନିତାନ୍ତ ଅସମ୍ଭବ। ତା'ଛଡ଼ା ଯାହା ଘରକୁ ଯିବେ, ସେମାନେ ତାକୁ କିପରିଭାବେ ଗ୍ରହଣ କରିବେ, ସେଇଟା ମଧ୍ୟ ବିଚାର୍ଯ୍ୟ।


©SATSANG

ପ୍ରଶ୍ନ:—

**★★ଯାଜନ କାର୍ଯ୍ୟରେ ଗଲେ କାହା ଘରେ ଖାଦ୍ୟଦ୍ରବ୍ୟ ବା ପାନୀୟ ଗ୍ରହଣ କରିବା ସମୀଚୀନ କି?**

**ଉତ୍ତର: —**

★ ଅଚିହ୍ନା ଅଜଣା ଲୋକଙ୍କ ସହିତ ହଠାତ୍ ଖାଦ୍ୟ ଓ ପାନୀୟର ସଂସ୍ରବ ସୃଷ୍ଟି କରିବା ସଦାଚାର ଦିଗରୁ ଆଦୌ ବାଞ୍ଛନୀୟ ନୁହେଁ। **ତାହା ସର୍ବତୋଭାବେ ଶାରୀରିକ ଓ ମାନସିକ ସଦାଚାର ପାଳନର ଅନ୍ତରାୟ ଏବଂ ପରମ ଦୟାଲଙ୍କ ଅଭିପ୍ରେତ ଆଚରଣ ମଧ୍ୟ ନୁହେଁ।** ବର୍ତ୍ତମାନ ପରିସ୍ଥିତିରେ ଏହି ବିଷୟଗୁଡ଼ିକୁ ତ ଆହୁରି ଅଧିକ ଧ୍ୟାନରେ ରଖିବା ଉଚିତ।

ପ୍ରଶ୍ନ:—

**★★ଯେଉଁମାନଙ୍କର ନବବର୍ଷରେ ପାଞ୍ଝା ରିନ୍ୟୁ କରିବାର ଥିଲା ବା ଆଗାମୀ କନ୍‌ଫରେନ୍ସରେ କରିବାର ଅଛି, ସେମାନଙ୍କ ପାଇଁ କ'ଣ ନିର୍ଦ୍ଦେଶ ରହିଛି?**

**ଉତ୍ତର: —**

★ ପାଞ୍ଝା ରିନ୍ୟୁ କରିବାକୁ ହେଲେ ଦେଓଘର ଆସିବାକୁ ପଡିବ, ଯାହା ବର୍ତ୍ତମାନ ସମ୍ଭବ ନୁହେଁ। ଝାଡ଼ଖଣ୍ଡରେ ଆପାତତଃ ଜୁନ୍ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନକୁ ବୃଦ୍ଧି କରାଯାଇଛି। ଦୀକ୍ଷାଦାତା କର୍ମୀମାନେ ପାଞ୍ଝାର ମିଆଦ ପୂରିବା ପରେ ତାହା ରିନ୍ୟୁ ନ ହେବା ପର୍ଯ୍ୟନ୍ତ ଦୀକ୍ଷାଦାନ କରିପାରିବେ ନାହିଁ। ଯେଉଁ କର୍ମୀମାନଙ୍କର ପାଞ୍ଝା ରିନ୍ୟୁ କରିବାକୁ ହେବ, ଋତ୍ୱିକ୍ କାର୍ଯ୍ୟାଳୟରୁ ସେମାନଙ୍କ ପାଖକୁ ଫୋନ୍‌ରେ ଯଥା ସମୟରେ ବାର୍ତ୍ତା ପଠାଯିବ।

## ବିବିଧ ସଂକ୍ରାନ୍ତ

ପ୍ରଶ୍ନ:—

★★ଲକ୍‌ଡାଉନ୍ ଖୋଲିଲେ, ସପରିବାର ଠାକୁରବାଡ଼ି ଯାଇହେବ କି ନାହିଁ? ଗଲେ କେତେ ଲୋକ ଯାଇପାରିବେ? ଠାକୁରବାଡ଼ିକୁ ଭକ୍ତମାନଙ୍କ ଆଗମନ ବ୍ୟାପାରରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିବା ଆବଶ୍ୟକ। ଠାକୁରବାଡ଼ି ଯିବାକୁ ଅନୁମତି ପାଇଲେ ଆଗତ ଭକ୍ତମାନଙ୍କୁ କି କି ବ୍ୟବସ୍ଥା ଗ୍ରହଣ କରିବାକୁ ହେବ?

ଉତ୍ତର: -

★ଝାଡ଼ଖଣ୍ଡରେ ଲକ୍‌ଡାଉନ୍ ଆପାତତଃ ଜୁନ୍ ୩୦ ପର୍ଯ୍ୟନ୍ତ ରହିବ। ଲକ୍‌ଡାଉନ୍ ଉଠିଗଲା ପରେ କ'ଣ କରଣୀୟ ତାହା ଯଥା ସମୟରେ ସୂଚିତ କରାଯିବ।

**★ ଠାକୁରବାଡ଼ି ଆସିବା ବିଷୟରେ ଜାଣିବାକୁ କାହା ସହ ବ୍ୟକ୍ତିଗତ ନମ୍ବରରେ ଯୋଗାଯୋଗ ନ କରି ୩୦ ଜୁନ୍ ପରେ Communication Center (18003450122) ସହିତ ଯୋଗାଯୋଗ କରିବାକୁ**


©SATSANG

**ପଡିବ। ବର୍ତ୍ତମାନ ଏଠାରେ ସମସ୍ତ ଗେଷ୍ଟ ହାଉସ୍ ସହିତ ସୁବିଧାନ କାର୍ଯ୍ୟାଳୟ (Accomodation Department) ବନ୍ଦ ଅଛି।**

**ପ୍ରଶ୍ନ:—**

**★★ଅନଲାଇନରେ ସତ୍‌ସଙ୍ଗ କରିବାକୁ ଅନୁମତି ଅଛି କି ନାହିଁ ତାହା ଅନେକେ ଜାଣିବାକୁ ଚାହିଁଛନ୍ତି। ଏହା ଉପରେ ବହୁ ପ୍ରକାର ମତ ପ୍ରକାଶ ପାଉଛି।**

**ଉତ୍ତର: —**

ଉଦ୍ଦେଶ୍ୟ ଯଦି ପ୍ରକୃତରେ ଇଷ୍ଟଙ୍କ ସ୍ମରଣ, ମନନ, ଗୁଣକୀର୍ତ୍ତନ ଓ ଅନୁଧ୍ୟାନ ହୁଏ, ତା'ହେଲେ ଯେକୌଣସି ପ୍ରକାରେ ବା ମାଧ୍ୟମରେ ତାହା କରାଯାଇପାରେ।

**ପ୍ରଶ୍ନ:—**

**★★ବହୁ କେନ୍ଦ୍ର-ମନ୍ଦିର, ଉପଯୋଜନା କେନ୍ଦ୍ର ଇତ୍ୟାଦି ସହାୟତା ପାଇଁ ସରକାରୀ ରିଲିଫ୍ ପାଣ୍ଠିରେ ଅର୍ଥ ଜମା ଦେଉଛନ୍ତି, ଅଥଚ ଅନେକ ସ୍ଥାନୀୟ ଦୀକ୍ଷିତ ଦୁଃସ୍ଥ ଲୋକ ବହୁ କଷ୍ଟରେ ଦିନ କାଟୁଛନ୍ତି। ଏହି କ୍ଷେତ୍ରରେ କ'ଣ କରିବା ଉଚିତ?**

**ଉତ୍ତର: —**

★ବହୁ କେନ୍ଦ୍ର-ମନ୍ଦିର, ଉପଯୋଜନା କେନ୍ଦ୍ର ଇତ୍ୟାଦି ଏହା କରିବା ସହିତ ପରିବେଶର ଦୀକ୍ଷିତ ଅଦୀକ୍ଷିତ ନିର୍ବିଶେଷରେ ସମସ୍ତ ଅଭାବୀ ଲୋକଙ୍କୁ ଅନ୍ନବସ୍ତ୍ରର ଯୋଗାଣ ଦେଇଆସୁଛନ୍ତି। ଏପରି କି ଅନେକ ସ୍ଥାନରେ ସତ୍‌ସଙ୍ଗୀମାନେ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ମଧ୍ୟ ବ୍ୟବସ୍ଥା କରିଛନ୍ତି। **ପରିବେଶର ଲୋକମାନେ ସଚେତନ ଓ ସକ୍ରିୟ ହେଲେ, ଏପରି କି ଦୁଇଜଣ ମଣିଷ ମତ ଓ ମସ୍ତିଷ୍କରେ ଏକ ହୋଇ ଜୀବନବୃଦ୍ଧିଦ ଶୁଭ ପ୍ରଚେଷ୍ଟାରେ ଅଗ୍ରସର ହେଲେ ଯାହା କରିପାରିବେ, ସେତେବେଳେ ଆଉ ଅନ୍ୟ କାହାକୁ ଦୋଷାରୋପ କରିବାର ପ୍ରୟୋଜନ ହେବ ନାହିଁ।**

**ପ୍ରଶ୍ନ:—**

★★ଏହି ମହାମାରୀର ପ୍ରକୋପରୁ ବଞ୍ଚିବା ପାଇଁ ବା ସଂକ୍ରମିତ ନ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଅଛି କି?

**ଉତ୍ତର: —**

**★ସୁନିଷ୍ଠଭାବେ ଯଜନ-ଯାଜନ-ଇଷ୍ଟଭୃତିପରାୟଣ ହୋଇ, ସକ୍ରିୟ ତତ୍ପରତାରେ ସ୍ୱସ୍ତ୍ୟୟନୀର ଜୀବନୀୟ ପଞ୍ଚନୀତି ପରିପାଳନ କରିବା ଏବଂ ସର୍ବତୋଭାବେ ସଦାଚାରୀ ଆଚରଣରେ ଅଭ୍ୟସ୍ତ ହୋଇ ଚାଲିବା**


©SATSANG

**ଏବଂ ଅବଶ୍ୟ ବିଧିନିୟମ ଯେତେବେଳେ ଯେଉଁ ଅବସ୍ଥାରେ ଯେପରି ଭାବେ ପ୍ରୟୋଜନ ତାହା ମାନି ଚାଲିବା- ଏପରି ଭାବେ ଚାଲିପାରିଲେ ଆମେ ବହୁଳାଂଶରେ ରକ୍ଷା ପାଇପାରିବା।**

ଭୋଗ-ମେଣ୍ଟେନାନ୍ସ ସଂକ୍ରାନ୍ତ

ପ୍ରଶ୍ନ:—

★ ୧- ଅନେକ କେନ୍ଦ୍ର-ମନ୍ଦିରରେ କିଛି କିଛି ମେଣ୍ଟେନାନ୍ସ ବା ରଙ୍ଗ ଆଦି କାର୍ଯ୍ୟ ଅନେକ ଦିନ ଧରି କରିବା ଦରକାର ହୋଇପଡ଼ିଛି। ଏଗୁଡ଼ିକ କ'ଣ କରାଯାଇପାରିବ?

★ ୨- ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଛି। ସେଗୁଡିକ ପୁନର୍ବାର ଆରମ୍ଭ କରାଯାଇପାରିବ କି, ବିଶେଷକରି ଯେଉଁସବୁ ସ୍ଥାନ ଗ୍ରୀନ୍ ଜୋନ୍‌ରେ ପଡୁଛି?

★ ୩- ମେଣ୍ଟେନାନ୍ସ ଏବଂ ନିର୍ମାଣ ଉଭୟ ବ୍ୟାପାରରେ ଫିଲାନ୍‌ଥ୍ରପି ସହିତ ଯୋଗାଯୋଗ କରିବା ଆବଶ୍ୟକ ପଡ଼େ। ସେ କ୍ଷେତ୍ରରେ କ'ଣ କରଣୀୟ?

★ ୪- ଅସମାପ୍ତ ମନ୍ଦିର କାର୍ଯ୍ୟ ପୁଣି ଆରମ୍ଭ କରାଯାଇପାରିବ କି? ମନ୍ଦିର କାର୍ଯ୍ୟ ପାଇଁ ଫିଲାନ୍‌ଥ୍ରପିରୁ ଅର୍ଘ୍ୟ ନେବା ଦରକାର। ମେଣ୍ଟେନାନ୍ସ ପାଇଁ ମଧ୍ୟ ସମାନ ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ କ'ଣ କରଣୀୟ?

★ ୫- ଯେଉଁସବୁ କେନ୍ଦ୍ର-ମନ୍ଦିରଗୁଡିକର ସାଧ୍ୟ-ସାମର୍ଥ୍ୟ ତୁଳନାତ୍ମକଭାବେ କମ୍, ସେମାନଙ୍କୁ ଭୋଗର ଉପକରଣ ଓ ଅର୍ଘ୍ୟାଦି ବ୍ୟାପାରରେ ଦୈନନ୍ଦିନ ସଂଗ୍ରହ ଉପରେ ହିଁ ନିର୍ଭର କରିବାକୁ ପଡ଼େ। ଲକ୍‌ଡାଉନ୍ ପରଠାରୁ ଏ ବାବଦରେ ଅନେକ ଅସୁବିଧା ସୃଷ୍ଟି ହୋଇଛି। ବର୍ତ୍ତମାନ କ'ଣ ଏଗୁଡିକ ସ୍ୱାଭାବିକ ଭାବରେ କରାଯାଇପାରିବ?

★୬- ଠାକୁର ଭୋଗ ଓ ମେଣ୍ଟେନାନ୍ସ ଉଭୟ ବ୍ୟାପାରରେ ଫିଲାନ୍‌ଥ୍ରପିରୁ ଅର୍ଘ୍ୟ ଉଠାଇବା ଦରକାର ପଡ଼େ, ଯାହା ବର୍ତ୍ତମାନ ବନ୍ଦ ଅଛି। ତେଣୁ ଏସବୁ ବ୍ୟାପାରରେ ସାଂଘାତିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଅବସ୍ଥା କେବେ ସ୍ୱାଭାବିକ ହେବ? ବିଶେଷକରି ଠାକୁରଭୋଗକୁ ତ ବନ୍ଦ କଲେ ଚଳିବ ନାହିଁ!

★୭- ଅମ୍ଫାନ୍ ବାତ୍ୟାରେ ଅନେକ କେନ୍ଦ୍ର-ମନ୍ଦିରରେ ଊଣା-ଅଧିକେ ବିଭିନ୍ନ ଧରଣର କ୍ଷୟକ୍ଷତି ହୋଇଛି। ସେଗୁଡ଼ିକର ମରାମତି ପାଇଁ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବା ଆବଶ୍ୟକ। ସେଥିପାଇଁ ଅର୍ଘ୍ୟ ସଂଗ୍ରହ କରିବା, ଫିଲାନ୍‌ଥ୍ରପିରେ ଜମା କରିବା ଏବଂ ପୁଣି ଆବେଦନ କରି ଟଙ୍କା ଉଠାଇବା- ଏସବୁ ତ ହେଉଛି ଦୀର୍ଘମିଆଦୀ ପ୍ରକ୍ରିୟା। କିନ୍ତୁ କାମ ନ କଲେ ନ ଚଳେ। ଏ କ୍ଷେତ୍ରରେ କ'ଣ କରାଯିବ?

ଉତ୍ତର: —

★ ସାମ୍ପ୍ରତିକ ପରିସ୍ଥିତିରେ, ସରକାରୀ ଅନୁମତି କିମ୍ବା ନିର୍ଦ୍ଦିଷ୍ଟ ସର୍କୁଲାର ବିନା କୌଣସି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ।

★ ସ୍ଥାନୀୟ ପ୍ରଶାସନର ଅନୁମତିକ୍ରମେ ଶ୍ରମିକ ନିଯୁକ୍ତି ନ କରି ଛୋଟମୋଟ ବହୁ ଆବଶ୍ୟକ କାର୍ଯ୍ୟ ନିଜେ କରିପାରିବେ।

★ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗ କରି କାର୍ଯ୍ୟ ଚଳିବା ପରି ପ୍ରୟୋଜନୀୟ ଅର୍ଘ୍ୟ ସଂଗ୍ରହ କରିବାର ଚେଷ୍ଟା କରିବାକୁ ପଡିବ।

★ ଉପଯୋଜନା କେନ୍ଦ୍ରରେ ପୃଥକ୍ ଡିପୋଜିଟ୍ ସ୍ଲିପ୍‌ରେ (ଇଷ୍ଟଭୃତିର ଅର୍ଘ୍ୟ ଯେଉଁଥିରେ ଜମା ହୋଇନି) ନିର୍ଦ୍ଦିଷ୍ଟ କେନ୍ଦ୍ର-ମନ୍ଦିରର କୋଡ୍ ଉଲ୍ଲେଖ କରି ପ୍ରୟୋଜନୀୟ ଅର୍ଥ ସମସ୍ତେ ଜମା ଦେଇପାରିବେ।

★ ଯେତେବେଳେ କେନ୍ଦ୍ର-ମନ୍ଦିରର ଭୋଗ, ରକ୍ଷଣାବେକ୍ଷଣ ଇତ୍ୟାଦି ପାଇଁ ଫିଲାନ୍ଥ୍ରପିରୁ ଅର୍ଘ୍ୟ ଉଠାଇବା ପ୍ରୟୋଜନ ପଡ଼ିବ, ସେତେବେଳେ କେନ୍ଦ୍ର-ମନ୍ଦିରର ପ୍ୟାଡ୍ କିମ୍ବା ଲେଟରହେଡ୍‌ରେ ମନ୍ଦିର କୋଡ୍ ଉଲ୍ଲେଖ କରି ଏବଂ ଏହା ପୂର୍ବରୁ ସର୍ବଶେଷ କେତେ ଟଙ୍କା ଅର୍ଘ୍ୟ କେବେ ଉଠାହୋଇଛି ଜଣାଇ, ବର୍ତ୍ତମାନ ଅର୍ଘ୍ୟ ଉଠାଇବାର କାରଣ ଓ ପରିମାଣ ଉଲ୍ଲେଖ କରି ଫିଲାନ୍ଥ୍ରପିରୁ ସ୍ୱୀକୃତ ଉକ୍ତ କେନ୍ଦ୍ର-ମନ୍ଦିରର ଭାରପ୍ରାପ୍ତ କର୍ମୀଙ୍କ ନାମ, ଦସ୍ତଖତ, ଯେଉଁ ବ୍ୟାଙ୍କ ଆକାଉଣ୍ଟରେ ଅର୍ଘ୍ୟ ପଠାଇବାକୁ ହେବ ତା'ର ସମ୍ପୂର୍ଣ୍ଣ ବିବରଣୀ (ଆକାଉଣ୍ଟ୍ ନମ୍ବର ଏବଂ IFSC କୋଡ୍), ତାଙ୍କ ପାସବୁକ୍ ଓ ଚେକ୍‌ର ସ୍କାନ୍ କପି ସହ satsangphilanthropy@gmail.com,ଏହି ଇ-ମେଲ୍ IDରେ ଇମେଲ କରି ସତ୍‌ସଙ୍ଗର ସେକ୍ରେଟାରୀଙ୍କ ପାଖରେ ଆବେଦନ କରିବାକୁ ପଡିବ।

SCAN TO AUTHENTICATE
WITH satsang.org.in

satsangofficial satsangofficial satsangdeoghar satsangofficial

www.satsang.org.in

©SATSANG